# Akashvani, Sambalpur

## SAMBALPURI NEWS EVENING BULLETIN

## 17 May 2025- 7.02 pm- 7.12 pm.

**********************************************

୧- ପାକିସ୍ତାନ୍ ସମର୍ଥିତ୍ ଆତଙ୍କବାଦ ବିରୋଧିଥି ଭାରତ୍‌ର ଆଭିମୁଖ୍ୟ ଜନାବାର୍‌କେ ଭିନ୍ ଭିନ୍ ଦେଶ୍ ଯିବେ ୭ ଟା ସର୍ବଦଲୀୟ ପ୍ରତିନିଧି ମଣ୍ଡଳୀ ।

୨- ଯାଜ୍‌ପୁର୍ ଜିଲ୍ଲା ନ ଆଏବା ଗୁରୁବାର୍ ଦିନ ୧ ଲାଖ୍ ୧୪ ହଜାର୍ କୋଟି ଟଙ୍କାର୍ ପ୍ରକଳ୍ପର୍ ଶିଲାନ୍ୟାସ୍ ଆର୍ ଉଦ୍‌ଘାଟନ୍ କର୍‌ବେ ମୁଖ୍ୟମନ୍ତ୍ରୀ ।

୩- ସବୁ ଲୁକ୍‌କର୍ ପାଖ୍‌କେ ସର୍‌କାରୀ ସୁବିଧା ଆର୍ ଯୋଜ୍‌ନା ପୁହୁଁଚାବାର୍‌କେ ସର୍‌କାର୍ ପ୍ରତିଶ୍ରୁତିବଦ୍ଧ: କହେଲେ ଶ୍ରମମନ୍ତ୍ରୀ ।

ଆଉର୍

୪- କାଲ୍‌ବୈଶାଖର୍ ପ୍ରଭାବ୍‌ଥି ଆଏଜ୍ ଘଡ଼୍‌ଘଡ଼ି ସାଙ୍ଗେ ହେଇପାରେ ବର୍ଷା - ସତର୍କ କଲା ପାଣିପାଗ୍ କେନ୍ଦ୍ର ।

ପାକିସ୍ତାନ୍ ଆତଙ୍କବାଦ୍- ସର୍ବଦଳୀୟ ପ୍ରତିନିଧି ଦଲ୍/ ଏନ୍ଏସ୍ଡି

ଅପରେସନ୍ ସିନ୍ଦୂର ଉତ୍ରୁ ପାକିସ୍ତାନ୍ ସମର୍ଥିତ୍ ଆତଙ୍କବାଦ୍ ବିରୋଧିଥି ଭାରତ୍ର ଆଭିମୁଖ୍ୟ ବିଶ୍ୱ ସମୁଦାୟକେ ଜନାବାର୍ ଲାଗି ୭ଟା ସର୍ବଦଲୀୟ ପ୍ରତିନିଧି ଦଲ୍କେ ଭାରତ ସରକାର ଭିନ୍ ଭିନ୍ ଦେଶ୍କେ ପଠାବେ । ସବୁ ଦଲ୍ ଇ ମାସର୍ ଶେଷ୍ ବେଲ୍କେ ଭାରତର୍ ବନ୍ଧୁ ଦେଶ୍ ସହେତେ ମିଳିତ ଜାତିସଂଘ ସୁରକ୍ଷା ପରିଷଦ୍ର ସଦସ୍ୟ ଦେଶ୍ମାନଙ୍କୁ ଯାଇକରି ଆତଙ୍କବାଦ ବିରୋଧିଥି ଭାରତ୍ର ଲଢ଼େଇ ଆଉ ଶୂନ୍ୟ ସହନଶୀଲ୍ ନୀତି ବାବ୍ଦେ ଜନାବେ । ସର୍ବଦଲୀୟ ପ୍ରତିନିଧି ଦଲ୍ଥି ଭିନ୍ ଭିନ୍ ରାଜନୈତିକ୍ ଦଲ୍ର ସାଂସଦ୍, ରାଜନେତା ଆଉ କୂଟନୀତିଜ୍ଞମାନେ ରହିଛନ୍ । ସଂସଦୀୟ ବ୍ୟାପର ମନ୍ତ୍ରୀ କିରେନ୍ ରିଜିଜୁ ଗସ୍ତ କାର୍ଯ୍ୟକ୍ରମ୍କେ ସଂଯୋଜନା କରୁଛନ୍ । କଂଗ୍ରେସ୍ ସାଂସଦ୍ ଶଶୀ ଥରୁର୍ , ବିଜେପି ସାଂସଦ୍ ରବି ଶଙ୍କର୍ ପ୍ରସାଦ୍ ଆର୍ ବୈଜୟନ୍ତ ପଣ୍ଡା , ଜେଡିୟୁ ସାଂସଦ୍ ସଞ୍ଜୟ ଝା, ଡିଏମ୍କେ ସାଂସଦ୍ କାନିମୋଝି କରୁଣାନିଧି, ଏନ୍ସିପି ସାଂସଦ୍ ସୁପ୍ରିୟା ସୋଲେ ଆର୍ ଶିବ୍ସେନା ସାଂସଦ୍ ଶ୍ରୀକାନ୍ତ ଏକ୍ନାଥ୍ ସିନ୍ଧେଙ୍କର୍ ନେତୃତ୍ୱଥି ଇ ପ୍ରତିନିଧି ମଣ୍ଡଳୀ ଭିନ୍ ଭିନ୍ ଦେଶ୍କେ ଯିବେ । ଇ ବାବ୍ଦେ ସୂଚ୍ନା ଦେଇକରି ବିଜେପି ରାଷ୍ଟ୍ରୀୟ

ଉପାଧ୍ୟକ୍ଷ ଆଉ୍ କେନ୍ଦ୍ରାପଡ଼ା ସାଂସଦ୍ ବୈଜୟନ୍ତ ପଣ୍ଡା କହିଛନ୍....
(ଭଏସ୍ ଓଭର୍- ବୈଜୟନ୍ତ ପଣ୍ଡା)

ମୁଖ୍ୟମନ୍ତ୍ରୀ- ଯାଜ୍‌ପୁର୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା ୨୨ ତାରିଖ୍ ଯାଜ୍‌ପୁର୍ ଠାନେ ୧ ଲାଖ୍ ୧୪ ହଜାର୍ କୋଟି ର ୧୨ ଟା ପ୍ରକଳ୍ପର୍ ଶିଲାନ୍ୟାସ୍ ଆର୍ ୪ ଟା ପ୍ରକଳ୍ପର୍ ଉଦ୍‌ଘାଟନ୍ କର୍‌ବେ । ଇ ବାବ୍‌ଦେ ସୂଚ୍‌ନା ଦେଇକରି ଶିଳ୍ପମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ କହିଛନ୍, ଇ ପ୍ରକଳ୍ପମାନ୍‌କର୍ ଲାଗି ପୁଞ୍ଜି ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ୍ ଜରିଏ ଓଡ଼ିଶାକେ ଆସିଛେ । ଇସବୁ କାର୍ଯ୍ୟକାରୀ ହେଲେ ରାଏଜେ ୩୪ ହଜାର୍ ନିଯୁକ୍ତି ତିଆର୍ ହେବା ବଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ ।
(ଭଏସ୍ ଓଭର୍- ସମ୍ପଦ୍ ଚନ୍ଦ୍ର ସ୍ୱାଇଁ)

ମୁଖ୍ୟମନ୍ତ୍ରୀ ବୌଦ୍ଧ ଗସ୍ତ ବୌଦ୍ଧ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା କାଏଲ୍ ବୌଦ୍ଧ ଜିଲ୍ଲା ଗସ୍ତ କର୍‌ବେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଜିଲ୍ଲା ନ ଚାଲିଥିବା ଭିନ୍ ଭିନ୍ ଉନ୍ନୟନ୍ କାମ୍‌ର ସମୀକ୍ଷା କର୍‌ବାର୍

ସହେତେ ଉପର୍‌ବେଲା ସର୍‌ସରା ଗାଁ ନ ହେବାର୍‌କେ ଥିବା ତ୍ରିରଙ୍ଗା ଶୋଭାଯାତ୍ରାଥି ସାମିଲ୍ ହେବେ । ମୁଖ୍ୟମନ୍ତ୍ରୀଙ୍କର୍ ଗସ୍ତକେ ନେଇକରି ଜିଲ୍ଲାପାଲ୍‌ଙ୍କର୍ ଅଧକ୍ଷତାଥି ଆଏଜ୍ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ ।

ହାଇକୋର୍ଟ ଖରାଛୁଟି ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ହାଇକୋର୍ଟ ଲାଗି ଆଏବା ସୋମ୍‌ବାର୍ ୧୯ ତାରିଖ୍‌ନୁ ଜୁନ୍ ମାସର୍ ୧୬ ତାରିଖ୍‌ତକ୍ ଖରାଛୁଟି ଘୋଷ୍‌ନା କରାଯାଇଛେ । ଇ ସମିଆ ଭିତ୍‌ରେ ହାଇକୋର୍ଟ ନ ୮ ଦିନ୍ ଅବକାଶ ପୀଠ ବସ୍‌ବା । ସଖାଲର୍ ୧୧ ବଜେନୁ ଉପର୍‌ବେଲା ୩ ବଜେତକ୍ କାମ୍ ହେବା ବଲି ରେଜିଷ୍ଟ୍ରାର୍ ଜେନେରାଲ୍‌ଙ୍କର୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ ।

ଜଙ୍ଗଲ୍ ପରିବେଶ୍ ମନ୍ତ୍ରୀ-ତାଲ୍‌ଗଛ୍ ହି.ସ.

ଇ ବଛର୍ ରାଏଜେ ୬ କୋଟି ଟଙ୍କା ଖର୍ଚ୍ଚା କରାଯାଇକରି ତାଲ୍‌ଗଛ୍ ଲଗାଯିବା ବଲି ଜଙ୍ଗଲ୍ ଆଉ ପରିବେଶ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ କହିଛନ୍ । ସେ କହିଛନ୍, ଚଡ଼କ୍ ମରା ମୃତ୍ୟୁ ରୁକ୍‌ବାର୍ ଲାଗି ରାଏଜେ ତାଲ୍‌ଗଛ୍ ଜଗାବାର୍ ଅଭିଯାନ୍ ଚାଲିଛେ । ଗଲାବଛର୍ ୨୦ ଲାଖ୍ ଟଙ୍କାର୍ ଗଛ୍

ଜଗାବାର୍ ଲକ୍ଷ୍ୟ ପୂରଣ୍ କରାଯାଇଥିଲା । ଇ ବଛର୍ ଭିଲ୍ ଗଛ୍ ଲଗାଯିବା ବଲି ମନ୍ତ୍ରୀ ଶ୍ରୀ ଖୁଂଟିଆ କହିଛନ୍ ।

ଇସ୍ରୋ-୧୦୧ ନମ୍ବର୍ ଉତ୍କ୍ଷେପଣ        ଏନ୍ଏସ୍ଡି

ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ୍- ଇସ୍ରୋ ଆଏବାକାଏଲ୍ ତାର୍ ୧୦୧ ନମ୍ବର ରକେଟ୍ ଲଂଚ୍ କର୍ବା । ଇସ୍ରୋର୍ ପିଏସ୍ଏଲ୍ଭି-ସି୬୧ ରକେଟ୍ ପୁର୍ଥିର୍ ନିରୀକ୍ଷଣ କରୁଥିବା ଉପଗ୍ରହ 'ଇଓଏସ୍-୦୯'କେ ମହାକାଶକେ ନେଇକରି ଯିବା । ଆନ୍ଧ୍ରପ୍ରଦେଶ୍ର ଶ୍ରୀହରିକୋଟାଠାନେ ଥିବା ସତୀଶ ଧଓ୍ୱନ୍ ମହାକାଶ କେନ୍ଦ୍ର ନୁ ଆଏବାକାଏଲ୍ ସଖାଲର୍ ୫ ବାଜିକରି ୫୯ ମିନିଟ୍ଥି ପିଏସ୍ଏଲ୍ଭି-ସି୬୧ ରକେଟ୍ର ଉଦ୍କ୍ଷେପଣ୍ କରାଯିବା ।

ଶ୍ରମମନ୍ତ୍ରୀ- ଶ୍ରମିକ   ଭୁବ୍ନେଶ୍ୱର୍ ସମ୍ବାଦଦାତା

ସମାଜ୍ର ସବୁ ବର୍ଗର୍ ଲୁକ୍କର୍ ପାଖିକେ ଯେନ୍ତା ସର୍କାରୀ ଯୋଜ୍ନା ସହଜେ ପୁହୁଁଚିପାର୍ବା ସେ ଦିଗ୍କେ ସର୍କାର୍ ଧ୍ୟାନ୍ ଦଉଛନ୍ ବଲି ଶ୍ରମମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ କହିଛନ୍ । ଭୁବ୍ନେଶ୍ୱର୍ର ନୟାପଲ୍ଲୀ ଶ୍ରମିକ ହାଟ୍କେ ଯାଇକରି ମନ୍ତ୍ରୀ ଶ୍ରୀ ଖୁଂଟିଆ ଶ୍ରମିକ୍ମାନ୍କର୍ ଭିନ୍ ଭିନ୍

ସମସ୍ୟା ବାବ୍‌ଦେ ପଚ୍‌ରେଇ ବୁଝିଛନ୍ । ଆଏବା ଦିନେ ଶ୍ରମିକ୍‌ମାନ୍‌କର୍ ଲାଗି ଖାସ୍ ହେଲ୍ପ ଡେସ୍କ ଖୁଲାଯାଇକରି ସେମାନ୍‌କର୍ ପଞ୍ଜିକରଣ୍ କରାଯିବାର୍ ଲାଗି ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ ବଲି ମନ୍ତ୍ରୀ କହିଛନ୍ । ତାର୍ ଉତ୍‌ରୁ ମନ୍ତ୍ରୀ ଶ୍ରୀ ଖୁଂଟିଆ ଡୁମ୍‌ଡୁମା ବହୁମୁଖୀ ଶ୍ରମିକ୍ ଆଶ୍ରୟସ୍ଥଲ୍‌କେ ଯାଇକରି ଶ୍ରମିକ୍‌ମାନ୍‌କର୍‌ନୁ ଭିନ୍ ଭିନ୍ ଗଠନ୍‌ମୂଲକ୍ ପ୍ରସ୍ତାବ୍ ନେଇଛନ୍ । ଇ ବାବ୍‌ଦେ ପଦକ୍ଷେପ୍ ନେବାର୍‌କେ ମନ୍ତ୍ରୀ ଶ୍ରୀ ଖୁଂଟିଆ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ଓୟୁଏଟି -ଏନ୍‌ସିସିର ଏକ୍ସ

ଓଡ଼ିଶା କୃଷି ଆଉ ବୈଷୟିକ ବିଶ୍ୱବିଦ୍ୟାଳୟ - ଓୟୁଏଟି ସଭାଗୃହ ନ ଏନ୍‌ସିସି ତର୍‌ଫୁ ‘ରାଷ୍ଟ୍ରଗଠନ୍‌ଥି ଏନ୍‌ସିସିର ଅବଦାନ୍’ ଶୀର୍ଷକ୍‌ଥି ଦିନ୍‌କିଆ ଜାତୀୟ ସେମିନାର୍ ହେଇଯାଇଛେ । ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ସେମିନାର୍‌କେ ଉଦ୍‌ଘାଟନ୍ କରିକରି ଯୁଆନ୍ ପିଢ଼ିର୍ ଚରିତ୍ର ଗଠନ୍, ଦେଶ୍‌ପ୍ରେମ୍, ନେତୃତ୍ୱ, ଏକତା, ଅନୁଶାସନ୍ ଆଉ ଦେଶ ମାତୃକା ଲାଗି ନିସ୍ୱାର୍ଥ ସେବା ଉପ୍‌ରେ ଜୋର୍ ଦେଇଛନ୍ ।

ରଥ୍‌ଯାତ୍ରା- ବୈଠକ୍ ପୁରୀ ସମ୍ବାଦଦାତା

ଶ୍ରୀକ୍ଷେତ୍ର ପୁରୀ ନ ମାହାପୁରୁମାନ୍‌କର୍ ସ୍ନାନ ଯାତ୍ରା ଆର୍ ରଥଯାତ୍ରାକେ ନେଇକରି ଆଏଜ୍ ଶ୍ରୀମନ୍ଦିର୍ କାର୍ଯ୍ୟାଳୟ ଠାନେ ଆଏଜ ବାଡ଼ଗ୍ରାହୀ, ଦଇତାପତି ନିଯୋଗ ଆଉ ପୂଜାପଣ୍ଡା ନିଯୋଗ୍‌ର ଗୁଟେ ବୈଠକ୍ ହେଇଯାଇଛେ । ଇ ଅବ୍‌ସରେ ରଥଯାତ୍ରା ନୀତିକାନ୍ତିକେ ନେଇକରି ଆଲୋଚନା କରାଯାଇଥିଲା । ପୁରୀ ଜିଲ୍ଲାପାଲ୍ ଆଉ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ବୈଠକ୍‌ଥି ଅଧକ୍ଷତା କରିକରି ନିର୍ଭୁଲ୍ ଭାବେ ରଥଯାତ୍ରାକେ ପାଲନ୍ କର୍‌ବାର୍‌କେ ସେବାୟତ୍ ମାନ୍‌କର୍ ସହଯୋଗ୍ ରହେବା ବଲି କହିଛନ୍ । ଜୁନ୍ ୨୧ ତାରିଖ୍ ଦେବସ୍ନାନ ପୂର୍ଣ୍ଣିମା ଆର୍ ତାର୍ ଉତ୍‌ରୁ ଅଣସର ନୀତି ହେବା । ୧୬ ଦିନ୍ ଧରିକରି ଚାଲ୍‌ବାର୍‌କେ ଥିବା ଇ ସବୁ ଗୁପ୍ତ ନୀତି ଶୃଙ୍ଖଲିତ୍ ଭାବେ ସମ୍ପାଦନ୍ କର୍‌ବାର୍‌କେ ବୈଠକ୍‌ଥି ଆଲୋଚନା କରାଯାଇଥିଲା । କମ୍ ସେବକମାନ୍‌କୁ ନେଇକରି ପହଣ୍ଡି କର୍‌ବାର୍ ଆର୍ ଇସମିଆଥି ମୋବାଇଲ୍ ବେଭାର୍ ଉପ୍‌ରେ କଟ୍‌କନା ବାବଦ୍ ପ୍ରସ୍ତାବ୍ ଉପ୍‌ରେ ଧ୍ୟାନ୍ ଦିଆଯିବା ବଲି ଜିଲ୍ଲାପାଲ୍ କହିଛନ୍ ।

କରୋନା        ଭୁବନେଶ୍ୱର୍ ସମ୍ବାଦଦାତା

ଏସିଆ ମହାଦେଶ୍‌ର କେତେଟା ଦେଶେ ନୂଆ କରୋନା ଭୂତାଣୁ ଚିହ୍ନଟ୍ ହେଇଥିବା ଜନାପଡ଼୍‌ବାର୍ ଉତ୍‌ରୁ ଓଡ଼ିଶା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ୍ ଡାକ୍ତର ନୀଳକଣ୍ଠ ମିଶ୍ର ରାଜ୍ୟବାସୀଙ୍କୁ ନାଇଁ ଡର୍‌ବାର୍‌କେ ପରାମର୍ଶ ଦେଇଛନ୍ । ଡା. ମିଶ୍ର କହିଛନ୍, ଇ ଭୂତାଣୁ କରୋନା ପ୍ରଜାତିର୍ ନୂଆ ଭୂତାଣୁ ନୁହେ । କେନ୍‌ସି ଲୁକ୍‌କର ଦେହେ ରୋଗ ପ୍ରତିରୋଧକ୍ ଶକ୍ତି କମ୍‌ଲେ କରୋନା ସଂକ୍ରମଣ ଦେଖାଦେସି । ତଥାପି ଜିଲ୍ଲା ମୁଖ୍ୟ ଡାକ୍ତରଖାନାମାନ୍‌କେ ଇହାଦେ କରୋନା ପରୀକ୍ଷା କରାଯାଉଛେ । ଘଟ୍‌ନାକେ ନେଇକରି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ୍ ଆଉ କେନ୍ଦ୍ର ସରକାରଙ୍କର ସଙ୍ଗେ ରାଜ୍ୟ ସରକାର ଯୋଗାଯୋଗ୍‌ଥି ଅଛନ୍ । କେନ୍ଦ୍ର ସରକାରଙ୍କର ତର୍‌ଫୁ ଇ ବାବ୍‌ଦେ ମାର୍ଗଦର୍ଶିକା ଜାରି ହେଲେ ତୁର୍‌ତି ତାହାକେ କାର୍ଯ୍ୟକାରୀ କରାଯିବ ବଲି ଶ୍ରୀ ମିଶ୍ର କହିଛନ୍ ।

ଆଇଆଇଏମ୍‌ସି -ପିଏଚ୍‌ଡି ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ଶିକ୍ଷା ବଛର୍‌ନୁ ଭାରତୀୟ ଜନସଂଚାର୍ ସଂସ୍ଥାନ୍-ଆଇଆଇଏମ୍‌ସି ନ ସାମ୍ବାଦିକତା ପାଠ୍ୟକ୍ରମ୍‌ଥି ପିଏଚ୍‌ଡି ଡିଗ୍ରୀ ପାଠ୍ୟକ୍ରମ୍ ମୁଲ୍ ହେବା । ଇ ବାବ୍‌ଦେ ବିଜ୍ଞପ୍ତି ବାହାରି ସାରିଛେ ଆଉ ଖୋବ୍ ଜଲ୍‌ଦି ନାଁଲେଖା ତଥ୍ୟ ଦିଆଯିବା ବଲି ଆଇଆଇଏମ୍‌ସି କୁଳପତି ଡକ୍ଟର୍ ଅନୁପମ୍ ଭଟ୍ଟନାଗର୍ ସୂଚ୍‌ନା ଦେଇଛନ୍ ।

ବିଏଲ୍‌ଓ ଆର୍ ଏଇଆର୍ ତାଲିମ୍     ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ ସଦ୍‌ଭାବନା ସଭାଗୃହ ନ ବୌଦ୍ଧ ଆଉ କଂଟାମାଲ୍ ନିର୍ବାଚନ୍ ମଣ୍ଡଲୀର୍ ବିଏଲ୍‌ଓ ଆର୍ ଏଇଆର୍‌ଓ ମାନ୍‌କର୍ ସମୀକ୍ଷା ଆର୍ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଜିଲ୍ଲାପାଲ୍ ଆର୍ ଜିଲ୍ଲା ନିର୍ବାଚନ୍ ଅଧିକାରୀ ସୁବ୍ରତ୍ କୁମାର୍ ପଣ୍ଡାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି କଂଟାମାଲ୍‌ର ନିର୍ବାଚନ୍ ଅଧିକାରୀ ଆଉ ଅତିରିକ୍ତ ଜିଲ୍ଲାପାଲ୍ ଅନିରୁଦ୍ଧ ପ୍ରଧାନ୍, ବୌଦ୍ଧର୍ ନିର୍ବାଚନ୍ ଅଧିକାରୀ ଆଉ ଉପଜିଲ୍ଲାପାଲ୍ ପ୍ରବୀର୍ କୁମାର୍ ବାଣୁଆ, ଜିଲ୍ଲା ନିର୍ବାଚନ୍ କାର୍ଯ୍ୟାଳୟ ଡେପୁଟୀ କଲେକ୍ଟର୍ ତୃପ୍ତିମୟୀ ଜେନା ଯୋଗ୍ ଦେଇଥିଲେ ।

ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ     ଆର୍‌ଏନ୍‌ୟୁ / ସମ୍ବଲପୁର

ରକ୍ତଚାପ୍‌ର ପ୍ରତିରୋଧ୍, ଚିହ୍ନଟ୍ ଆର୍ ନିୟନ୍ତ୍ରଣ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଫି’ ବଛର୍ ମେ ମାସର୍ ଆଝିର୍ ଦିନେ ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ପାଳନ୍ କରାଯାଇ ଆସୁଛେ । ୨୦୦୬ ମସିହାନୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍ ଇ ଦିବସ୍ ପାଳନ୍ ମୁଲ୍ କରିଥିଲା । ଇ ବଛରର ବିଶ୍ୱ ଉଚ୍ଚ

ରକ୍ତଚାପ ଦିବସର ବାର୍ତା ହେଉଛେ 'ନିର୍ଭୁଲ୍ ଭାବେ ନିଜର୍ ରକ୍ତଚାପ ମାପୁନ୍, ଏଟାକେ ନିୟନ୍ତ୍ରଣ୍‌ଥି ରଖୁନ୍ ଆର୍ ଦୀର୍ଘଜୀବୀ ହଉନ୍' ।

ବିଶ୍ୱ ଦୂରସଂଚାର ଦିବସ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ସୂଚନା ପ୍ରଯୁକ୍ତି ବିଦ୍ୟା ଆର୍ ଇଂଟର୍‌ନେଟ୍ ବାଗିର୍ ଆଧୁନିକ ବୈଷୟିକ ଜ୍ଞାନ୍ କୌଶଲ୍ ଏଛନିର୍ ସମିଆର୍ ସମାଜ୍‌କେ ଗହୀର ପ୍ରଭାବ୍ ପକେଇଛେ । ଇ ବାବଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ୨୦୦୬ ମସିହାନୁ ମିଳିତ ଜାତିସଂଘ ତର୍‌ଫୁ ମେ ୧୭ ତାରିଖ୍‌କେ ବିଶ୍ୱ ଦୂରସଂଚାର ଦିବସ୍ ଭାବେ ପାଲନ୍ କରାଯାଉଛେ । ୧୮୬୫ ମସିହା ଆଝିର୍ ଦିନେ ଆନ୍ତର୍ଜାତୀୟ ଦୂରସଂଚାର ସଂଘ - ଇଂଟର୍‌ନେସ୍‌ନାଲ୍ ଟେଲି କମ୍ୟୁକେସନ୍ ୟୁନିୟନ୍ ଗଠନ୍ କରାଯାଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ କାଲ୍‌ବୈଶାଖୀର୍ ପ୍ରଭାବ୍ ଲାଗି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୫ ଦିନ୍‌ତକ୍ ତାପମାତ୍ରା ନାଇଁ ବଦ୍‌ଲେ । ଆଏଜ୍ ସୁନ୍ଦର୍‌ଗଡ଼୍, ନୂଆପଡ଼ା,

ଝାର୍ସୁଗୁଡ଼ା ସହେତେ ୧୫ ଟା ଜିଲ୍ଲାର୍ ଗୁଟେ/ ଦୁଇଟା ଜାଗା ନ ଜବର୍ ଧୁଳାଗର୍ଦ୍ଦି ଆଉ ବର୍ଷା ସହେତେ ଚଡ଼କ୍ ମାରିପାରେ । ଗଲାକାଏଲ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଚଡ଼କ୍ ମାରିକରି ୧୪ ଝନ୍କର୍ ଜୀବନ୍ ଯାଇଥିଲା ବେଲ୍କେ ଧୁଳାଗର୍ଦ୍ଦି ଆର୍ ବର୍ଷାଥି ବହୁତ୍ ନୁକ୍ସାନ୍ ହେଇଥିବାର୍ ସୂଚ୍ନା ମିଲିଛେ । ସେଆଡ଼େ ଆଏଜ୍ କାଲ୍ବୈଶାଖୀର୍ ବଲେ ରାଜ୍ୟର୍ ସବୁ ସହରର୍ ତାତି ୪୦ ଡିଗ୍ରୀ ନୁ କମ୍ ରହିଥିଲା ।